**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାରେ ଶହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ତା- ୨୮.୦୮.୨୦୨୪ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହ (OSWAN Hall) ରେ ଅନୁଷ୍ଠିତ ବୈଠକର ବିବରଣୀ ଏବଂ ସୁପାରିଶ ରିପୋର୍ଟ ।**

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାରେ ଶହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ବୈଠକ ଜିଲ୍ଲାପାଳ,କଳାହାଣ୍ଡିଙ୍କ ସଭାଗୃହ (OSWAN Hall) ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ/ସଦସ୍ୟା ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୦୧- ଶ୍ରୀ ତ୍ରିଲୋଚନ ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଳାହାଣ୍ଡି - ଅଧ୍ୟକ୍ଷ

୦୨- ଶ୍ରୀ ଜୟଦେବ ଦାସ, (ଭାରପ୍ରାପ୍ତ) ଉପ-ଜିଲ୍ଲାପାଳ, ଭବାନୀପାଟଣା - ଆବାହକ

୦୩- ଶୁଭସ୍ମିତା ମିଶ୍ର, ତହସିଲଦାର, କଳାହାଣ୍ଡି - ସଦସ୍ୟା

୦୪- ଶ୍ରୀ ଚନ୍ଦନ କୁମାର ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭବାନୀପାଟଣା - ସଦସ୍ୟ

୦୫- ଇଂ. ପ୍ରକାଶ କୁମାର ବେହେରା, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି - ସଦସ୍ୟ

୦୬- ଡ. ଅଜୟ କୁମାର ମିଶ୍ର, ଅବସର ପ୍ରାପ୍ତ ରିଡର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୭- ଶ୍ରୀ ଜୟଧର ଶତନାମୀ, ଅବସର ପ୍ରାପ୍ତ ରିଡର, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୮- ଶ୍ରୀ ଲୋକନାଥ ଦୁର୍ଗା, ସରପଞ୍ଚ, କାମଠଣା ଗ୍ରାମପଞ୍ଚାୟତ - ସଦସ୍ୟ

୦୯- ଶ୍ରୀ କ୍ଷମାକର ମାଝୀ, ସମିତି ସଭ୍ୟ, କାମଠଣା ଗ୍ରାମପଞ୍ଚାୟତ - ସଦସ୍ୟ

୧୦- ଶ୍ରୀ ରାକେଶ କୁମାର ପ୍ରଧାନ, ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି

୧୧- ଶ୍ରୀ ଅମୂଲ୍ୟ ଜେନା, ଦଳମୁଖ୍ୟ, ଆମୃଷା (Team Leader, AMROOSHA)

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ତା'ପରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ବୈଠକର ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟ ବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ବିଶେଷଜ୍ଞ ଗୋଷ୍ଠୀର ଅଧ୍ୟକ୍ଷ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ତତ୍ ସହିତ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଇଂ. ପ୍ରକାଶ କୁମାର ବେହେରା ପ୍ରକଳ୍ପର ଭୌଗଳିକ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ କଳାହାଣ୍ଡି ତହସିଲ ଅନ୍ତର୍ଗତ ଭଙ୍ଗାବାରି ଗ୍ରାମଠାରେ ପୂର୍ବରୁ ପଶୁପାଳନ ନିର୍ଦ୍ଦେଶାଳୟ (ଡାଏରୀ ଫାର୍ମ)ର ଥିବା ଖାଲି ଜାଗାରେ ମେଡିକାଲ କଲେଜ ନିର୍ମିତ ହୋଇଅଛି । କିନ୍ତୁ ପର୍ଯ୍ୟାୟକ୍ରମେ ଏହି ମେଡିକାଲ କଲେଜ ପ୍ରକଳ୍ପର କେତେକ ଜରୁରୀ ଆବଶ୍ୟକତା ଯଥା:- ଦମକଳ କେନ୍ଦ୍ର, ସର୍ବସାଧାରଣଙ୍କ ଯାନବାହାନ ରଖିବା ଜାଗା ଇତ୍ୟାଦି ନିର୍ମାଣ ପାଇଁ ଅତିରିକ୍ତ ପ୍ରାୟ ଏ. ୧.୩୧୭ ଡି. ବେସରକାରୀ ଜମି ଆବଶ୍ୟକ ହେଉଅଛି । ପୁନଶ୍ଚ, ପ୍ରସ୍ତାବିତ ଜମିର ସମ୍ମୁଖ ଭାଗରେ ମେଡିକାଲ କଲେଜର ମୁଖ୍ୟଦ୍ୱାର ଏବଂ ଗୋଟିଏ ପାର୍ଶ୍ୱରେ ମେଡିକାଲ କଲେଜ ଓ ଅନ୍ୟ ପାର୍ଶ୍ୱରେ ୨୬ ନମ୍ବର ଜାତୀୟ ରାଜପଥର ଲିଙ୍କ ରୋଡ ନିର୍ମାଣ କରାଯାଇଛି। ତେଣୁ ପ୍ରସ୍ତାବିତ ଜମିକୁ ଭୌଗଳିକ ଦୃଷ୍ଟିକୋଣରୁ ଦମକଳ କେନ୍ଦ୍ର ଓ ସର୍ବସାଧାରଣଙ୍କ ଯାନବାହାନ ରଖିବା ଜାଗା ଇତ୍ୟାଦି ନିର୍ମାଣ ପାଇଁ ଉପଯୁକ୍ତ ମନେକରି ଭୂ-ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି ବୋଲି ଇଂ. ପ୍ରକାଶ କୁମାର ବେହେରା, ଅଧିକ୍ଷଣ ଯନ୍ତ୍ରୀ ମତ ବ୍ୟକ୍ତ କରିଥିଲେ ।

ସାମାଜିକ ପ୍ରଭାବ ଆକଳନ ପାଇଁ ଆବଶ୍ୟକ ତଥ୍ୟ ଦୁଇଟି ପଦ୍ଧତିରେ ସଂଗ୍ରହ କରାଯାଇଛି । ପ୍ରଥମତଃ ପ୍ରଭାବିତ ଗ୍ରାମରେ ଜମି ହରାଉଥିବା ପରିବାର ମାନଙ୍କୁ ଚିହ୍ନଟ କରି, ଘରକୁ ଘର ଯାଇ ସାମାଜିକ, ଆର୍ଥିକ ତଥା ଅନ୍ୟାନ୍ୟ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଛି । ଏହା ସହିତ ପ୍ରଭାବିତ ଗ୍ରାମରେ ଥିବା ବିଭିନ୍ନ ସର୍ବସାଧାରଣ ସମ୍ପତି ଓ ସମ୍ବଳ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ଗୋଷ୍ଠୀ ଆଲୋଚନା ମାଧ୍ୟମରେ ପ୍ରସ୍ତାବିତ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ତଥ୍ୟ ତଥ୍ୟ ସଂଗ୍ରହ କରାଯାଇଛି । ଦ୍ୱିତୀୟରେ, ବିଭିନ୍ନ ସରକାରୀ ସଂସ୍ଥା ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଛି । ତାପରେ, ପ୍ରାଥମିକ ତଥ୍ୟକୁ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ଅତିରିକ୍ତ ତଥ୍ୟ ସହିତ ଭଲ ଭାବରେ ବିଶ୍ଳେଷଣ କରି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଅଧ୍ୟୟନର ନିଷ୍କର୍ଷ ଅନୁଯାୟୀ ସମସ୍ତ ପ୍ରଭାବିତ ଲୋକ ଏହି ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି ଯାହା ସମ୍ପୃକ୍ତ ଗ୍ରାମରେ ନିର୍ମିତ ହୋଇଛି ଏବଂ ସେମାନେ ପ୍ରକଳ୍ପରୁ ଉଭୟ ସାମାଜିକ ଓ ଆର୍ଥିକ ଲାଭ ପାଇବେ ବୋଲି ରାଜ୍ୟ ଏସ. ଆଇ. ଏ ୟୁନିଟ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ଦ୍ୱାରା ନିଯୁକ୍ତ ହୋଇ ସର୍ଭେ କରିଥିବା ସଂସ୍ଥା (Amroosha Nature's Management Pvt. Ltd, Bhubaneswar) ର ଦଳମୁଖ୍ୟ (Team Leader) ଶ୍ରୀ ଅମୂଲ୍ୟ କୁମାର ଜେନା Expert Group ଆଗରେ ପ୍ରକାଶ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜଣାଯାଇଛି ଯେ ଲୋକମାନଙ୍କୁ ଉପଲବ୍ଧ ହେଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ସମ୍ପତିର କ୍ଷତି ନିମନ୍ତେ ନୂତନ ଭାବରେ ବନ୍ଦୋବସ୍ତ କରାଯିବ । ତେଣୁ ମେଡିକାଲ କଲେଜ ନିର୍ମାଣ ପ୍ରକଳ୍ପ ଜିଲ୍ଲା ନିମନ୍ତେ ବହୁତ ଆବଶ୍ୟକ ଏବଂ ଏହା ଏକ ବହୁ ବ୍ୟବହାର୍ଯ୍ୟ ପ୍ରକଳ୍ପ ଯାହାକି ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ ଉଚିତ । ମୋଟାମୋଟି ଭାବରେ ଏଥିରୁ ଅନୁମାନ କରାଯାଏ ଯେ **ଏହି ପ୍ରକଳ୍ପ ଦ୍ୱାରା ସମୁଦାୟକୁ ମିଳୁଥିବା ଲାଭ ତୁଳନାରେ ପ୍ରଭାବିତ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଅତି ନଗଣ୍ୟ ।**

ଏତଦ ବ୍ୟତୀତ **ଗତ ଜୁଲାଇ ୨୦ ତାରିଖରେ ଶହିଦ ରେନଦୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଓ କ୍ଷତିଗ୍ରସ୍ତ ପ୍ରଭାବିତ ପ୍ରଜା ମାନଙ୍କର ଯେଉଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା** ଓ ତା' ଆଧାରରେ NCDS ପ୍ରଦାନ କରିଥିବା ରିପୋର୍ଟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାପାଇଁ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ପ୍ରସ୍ତାବ ଆଗତ କରିଥିଲେ ଏବଂ Expert Group ରେ ସେସବୁ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସୁପାରିଶ କରଯାଇଥିଲା । ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ଗ୍ରାମର ସମସ୍ୟା ଓ ତାର ନିରାକରଣ ନିମନ୍ତେ ଦିଆଯାଇଥିବା ପ୍ରସ୍ତାବ ତଥା ସୁପାରିସ ନିମ୍ନରେ ପ୍ରଦତ୍ତ କରାଗଲା ।

| ସର୍ଭେ ଅନୁସାରେ ଆକଳନ କରାଯାଇଥିବା ସମସ୍ୟା | ସମସ୍ୟାର ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ସୁପାରିସ |
|---|---|
| ବିଗତ କିଛି ବର୍ଷ ମଧରେ ଭଙ୍ଗାବାରି ଗ୍ରାମରୁ ତିନିଥର ଜମି ଅଧିଗ୍ରହଣ ହୋଇଥିବାରୁ ମେଡିକାଲ କଲେଜ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣକୁ ପ୍ରଭାବିତ ପରିବାରମାନେ ସଂପୂର୍ଣ୍ଣ ବିରୋଧ କରୁଛନ୍ତି । | ପୂର୍ବରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଭଙ୍ଗାବାରି ଗ୍ରାମରେ ହୋଇଥିବା ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ପରିବାରମାନଙ୍କୁ ସେମାନଙ୍କର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ନିମନ୍ତେ ଓଡିଶା ସରକାରଙ୍କ ଭୂ-ଅଧିଗ୍ରହଣ ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ପୁନଶ୍ଚ, ଯେକୌଣସି ମେଗା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଥରକରେ ହୁଏ ନାହିଁ । ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପର ଆବଶ୍ୟକତାକୁ ଦେଖି ଜମି ଅଧିଗ୍ରହଣ ହୁଏ । ମେଡିକାଲ କଲେଜ ପାଇଁ ପ୍ରଥମେ ଜମି ଅଧିଗ୍ରହଣକୁ ଏଡାଇବା ପାଇଁ ପଶୁପାଳନ ନିର୍ଦ୍ଦେଶାଳୟର ଭଙ୍ଗାବାରି ଠାରେ ଥିବା ଡାଏରୀ ଫାର୍ମର ଖାଲି ଜାଗାରେ ନିର୍ମିତ ହୋଇ ସାରିଛି । ଏଣୁ ଏଥିପାଇଁ ଜମି ଅଧିଗ୍ରହଣର ଆବଶ୍ୟକତା ହୋଇନଥିଲା । କିନ୍ତୁ, ପର୍ଯ୍ୟାୟକ୍ରମେ ମେଡିକାଲ କଲେଜ ଓ ହସପିଟାଲ ଚାଲିବାପରେ ସର୍ବସାଧାରଣଙ୍କ ଯାନବାହାନ ରଖିବା ଜାଗା ଓ ଏକ ଦମକଳ କେନ୍ଦ୍ର ନିର୍ମାଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ପାଇଁ ସର୍ବନିମ୍ନ ମାତ୍ର ୧.୩୧୭ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ହୋଇଅଛି । ବିଶେଷଜ୍ଞ କମିଟିଙ୍କ ମତରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସ୍ଥାନୀୟ ଯନ୍ତ୍ରୀ ତଥା ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଜମିମାଲିକ ମାନଙ୍କ ସହିତ ଆଲୋଚନା କରି ପ୍ରକଳ୍ପର ଉପକାରିତା ବିଷୟରେ ବୁଝାଇଲେ ସେମାନଙ୍କର ବିଶ୍ୱାସ ବଢିବ ଓ ଜମି ଅଧିଗ୍ରହଣ ସହଜ ହେବ । |

ସାମାଜିକ ପ୍ରଭାବ ଆକଳନ ଅଧୟନରୁ ଜଣାପଡୁଛି ଯେ ସମୁଦାୟକୁ ମିଳୁଥିବା ଲାଭ ତୁଳନାରେ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଅତି ନଗଣ୍ୟ ବୋଲି କମିଟିର ସଦସ୍ୟ ଥିବା ସମାଜ ବିଜ୍ଞାନୀ ଡକ୍ଟର ଅଜୟ କୁମାର ମିଶ୍ର ଏବଂ ଶ୍ରୀ ଜୟଧର ସତନାମୀ ପ୍ରକାଶ କଲେ । ଏଣୁ ମେଡିକାଲ କଲେଜ ନିର୍ମାଣ ପ୍ରକଳ୍ପ ଏହି ଜିଲ୍ଲା ନିମନ୍ତେ ବହୁତ ଆବଶ୍ୟକ ଏବଂ ଏହା ଏକ ବ୍ୟବହାର୍ଯ୍ୟ ପ୍ରକଳ୍ପ ଯାହାକି ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ମତ ପୋଷଣ କଲେ ।

ବିଶେଷଜ୍ଞ କମିଟି ପ୍ରକଳ୍ପ ନିର୍ମାଣର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା, ପର୍ଯ୍ୟାଲୋଚନା କରିବା ସହ, କମିଟିର ସଦସ୍ୟ ରୂପେ ଆସିଥିବା ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ମତାମତ ଲୋଡିଲେ । ସରପଞ୍ଚ ଏବଂ ସମିତି ସଭ୍ୟ ଏହି ପ୍ରକଳ୍ପ ଦ୍ୱାରା ତାଙ୍କ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହେବ ବୋଲି ମତ ପୋଷଣ କଲେ । ତତ ସଙ୍ଗେ ସଙ୍ଗେ ଉପୋରୋକ୍ତ ଜମି ଅଧିଗ୍ରହଣରେ ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ନିମନ୍ତେ ଓଡିଶା ସରକାରଙ୍କ ନିୟମାନୁସାରେ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଇ ଦିଆଯାଉ ଯାହା ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ବୋଲି କମିଟିକୁ ସୁପାରିଶ କଲେ ।

କମିଟି ଦ୍ୱାରା ପ୍ରକଳ୍ପର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସମସ୍ତେ ଏହି ନିର୍ଯ୍ୟାସ ରେ ଉପନୀତ ହେଲେ ଯେ :-

୦୧ - ସହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳ ଓ ଅଞ୍ଚଳବାସୀ ଅନେକ ମାତ୍ରାରେ ଉପକୃତ ହେବେ ଏବଂ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ବାଟ ଫିଟିବ ।

୦୨- ସାମୁହିକ ଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ଓ ଅଞ୍ଚଳବାସୀଙ୍କୁ ମିଳୁଥିବା ଲାଭ ତୁଳନାରେ କ୍ଷତିର ପରିମାଣ ଅତି ନଗଣ୍ୟ ।

୦୩- ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ଭଙ୍ଗାବାରି ଗ୍ରାମରୁ କୌଣସି ପରିବାର ବିସ୍ଥାପିତ ହେଉନାହାଁନ୍ତି ।

ଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ, ବିଶେଷଜ୍ଞ କମିଟି, ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଓ ଯଥା ସମୟରେ କାର୍ଯ୍ୟ ସମ୍ପନ୍ନ କରି ତାକୁ ଅଞ୍ଚଳବାସୀଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ଷମ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କଲେ ।

ସଭା ଶେଷରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ତଥା ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କଲେ ।

| | | |
|---|---|---|
| 28/08/24<br>ଭୂ-ଅର୍ଜନ ଅଧିକାରୀ<br>କଳାହାଣ୍ଡି | ତହସିଲଦାର<br>କଳାହାଣ୍ଡି | ଅଧିକ୍ଷଣ ଯନ୍ତ୍ରୀ<br>ପୂର୍ତ୍ତ ବିଭାଗ,କଳାହାଣ୍ଡି |
| ସରପଞ୍ଚ<br>କାମଠଣା ଗ୍ରାମ ପଞ୍ଚାୟତ | K Shyama Kan Majhi<br>ସମିତି ସଭ୍ୟ<br>କାମଠଣା ଗ୍ରାମ ପଞ୍ଚାୟତ | ଗୋଷ୍ଠୀ ଉନ୍ନୟନ ଅଧିକାରୀ<br>ଭବାନୀପାଟଣା |
| ଡ. ଅଜୟ କୁମାର ମିଶ୍ର,<br>ଅବସର ପ୍ରାପ୍ତ ରିଡର (ଭୂଗୋଳ),<br>ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,<br>ଭବାନୀପାଟଣା | | ଶ୍ରୀ ଜୟଧର ଶତନାମୀ,<br>ଅବସର ପ୍ରାପ୍ତ ରିଡର (ଅର୍ଥନୀତି),<br>ସରକାରୀ ମହିଳା ମହାବିଦ୍ୟାଳୟ,<br>ଭବାନୀପାଟଣା |
| (ଭାରପ୍ରାପ୍ତ) ଉପ-ଜିଲ୍ଲାପାଳ<br>ଭବାନୀପାଟଣା | | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଅଧକ୍ଷ,<br>ବିଶେଷଜ୍ଞ କମିଟି, କଳାହାଣ୍ଡି |

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଳାହାଣ୍ଡି,ଭୂ-ଅର୍ଜନ ଶାଖା,ଭବାନୀପାଟଣା

ଜ୍ଞାପକ ସଂଖ୍ୟା ୧୪୫୫ /ଭୂ-ଅର୍ଜନ ତାରିଖ - ୨୪.୦୯.୨୦୨୪

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ର ଏକକିତା ନକଲ ଜିଲ୍ଲାପାଳ, କଳାହାଣ୍ଡି/ଉପ-ଜିଲ୍ଲାପାଳ, ଭବାନୀପାଟଣା/ ତହସିଲଦାର, କଳାହାଣ୍ଡି/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭବାନୀପାଟଣା/ସରପଞ୍ଚ, କାମଠଣା ଗ୍ରାମପଞ୍ଚାୟତ ଙ୍କ ଅବଗତି ତଥା ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟ ର ଏକକିତା ନକଲ ଭଙ୍ଗାବାରି ଗ୍ରାମକୁ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

25/09/24

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା

ଜ୍ଞାପକ ସଂଖ୍ୟା ୧୪୫୭ /ଭୂ-ଅର୍ଜନ ତାରିଖ - ୨୪.୦୯.୨୦୨୪

ଏହାର ଏକକିତା ନକଲ District e-Governace Manager (DeGM), Kalahandi ଙ୍କ ଅବଗତି ନିମନ୍ତେ ତଥା ଉପୋରୋକ୍ତ ସୁପାରିଶ ରିପୋର୍ଟକୁ ଜିଲ୍ଲା ୱେବସାଇଟରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବା ପାଇଁ ପ୍ରେରଣ କରାଗଲା ।

25/09/24

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା

ଜ୍ଞାପକ ସଂଖ୍ୟା ୧୪୫୮ /ଭୂ-ଅର୍ଜନ ତାରିଖ - ୨୪.୦୯.୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡିର ସୂଚନା ଫଳକରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବା ପାଇଁ ପ୍ରେରଣ କରାଗଲା ।

25/09/24

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା

ଜ୍ଞାପକ ସଂଖ୍ୟା ୧୪୫୯ /ଭୂ-ଅର୍ଜନ ତାରିଖ - ୨୪.୦୯.୨୦୨୪

ଏହାର ଏକକିତା ନକଲ Co-ordinator, NCDS, Bhubaneswar ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

25/09/24

ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,
ଭବାନୀପାଟଣା